# Second India-New Zealand Bilateral Cyber Dialogue

November 17, 2021

## ଦ୍ୱିତୀୟ ଭାରତ-ନ୍ୟୁଜିଲ୍ୟାଣ୍ଡ ଦ୍ୱିପାକ୍ଷିକ ସାଇବର ଆଲୋଚନା

**ନଭେମ୍ବର 17, 2021**

ଭାରତ-ନ୍ୟୁଜିଲ୍ୟାଣ୍ଡ ଦ୍ୱିପାକ୍ଷିକ ସାଇବର ଆଲୋଚନାର ଦ୍ୱିତୀୟ ସଂସ୍କରଣ 16-17 ନଭେମ୍ବର 2021 ରେ ଭର୍ଚୁଆଲ୍ ଉପାୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନାରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ଯୁଗ୍ମ ସଚିବ (ସାଇବର କୂଟନୀତି) ଶ୍ରୀ ଅତୁଲ ମଲହାରୀ ଗୋଟସୁର୍ଭେ ଭାରତୀୟ ପ୍ରତିନିଧୀ ଦଳର ନେତୃତ୍ୱ ନେଇଥିବାବେଳେ ନ୍ୟୁଜିଲ୍ୟାଣ୍ଡ ଦଳର ନେତୃତ୍ୱ ପ୍ରଧାନମନ୍ତ୍ରୀ ତଥା କ୍ୟାବିନେଟ (ଡିପିଏମସି) ବିଭାଗ ଅନ୍ତର୍ଗତ ରାଷ୍ଟ୍ରୀୟ ସୁରକ୍ଷା ନୀତି ନିର୍ଦ୍ଦେଶକ ଶ୍ରୀ ଡାନ ଇଟନ ଏବଂ ବୈଦେଶିକ ବ୍ୟାପାର ଓ ବାଣିଜ୍ୟ ମନ୍ତ୍ରଣାଳୟ (ଏମଏଫଏଟି) ଅନ୍ତର୍ଗତ ଉଦୀୟମାନ ସୁରକ୍ଷା ସମସ୍ୟା, ଆନ୍ତର୍ଜାତିକ ସୁରକ୍ଷା ଓ ନିରସ୍ତ୍ରୀକରଣ ବିଭାଗର କାର୍ଯ୍ୟନିର୍ବାହୀ ୟୁନିଟ୍ ମ୍ୟାନେଜର ଶ୍ରୀମତୀ ଜର୍ଜିନା ସର୍ଗିସନ ନେଇଥିଲେ। ଉଭୟ ଦେଶର ବିଭିନ୍ନ ମନ୍ତ୍ରଣାଳୟ ଓ ବିଭାଗର ବରିଷ୍ଠ ଅଧିକାରୀମାନେ ଏହି ସାଇବର ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

2. ଏହି ସାଇବର ଆଲୋଚନାରେ ସାଇବର ସ୍ପେସରେ ଦ୍ୱିପାକ୍ଷିକ ସହଯୋଗର ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା, ଦ୍ୱିପାକ୍ଷିକ, ଆଞ୍ଚଳିକ ଏବଂ ବହୁପକ୍ଷୀୟ ମଞ୍ଚରେ ସାଇବର ପ୍ରସଙ୍ଗରେ ନୂତନତମ ବିକାଶ ଉପରେ ମତ ବିନିମୟ କରାଯାଇଥିଲା ଏବଂ ସାଇବର ସହଯୋଗକୁ ଆହୁରି ଗଭୀର କରିବା ପାଇଁ ପଦକ୍ଷେପ ଉପରେ ଚର୍ଚ୍ଚା ହୋଇଥିଲା।

3. ଉଭୟ ଦେଶର ପ୍ରତିନିଧୀ ଦଳ ପାରସ୍ପରିକ ଆଗ୍ରହର ବିଭିନ୍ନ ପ୍ରସଙ୍ଗରେ ବିଚାର ବିମର୍ଷ କରିଥିଲେ ଏବଂ ସାଇବର ସୁରକ୍ଷା, ସାଇବର ଅପରାଧ ଏବଂ ଦକ୍ଷତା ବିକାଶ କ୍ଷେତ୍ରରେ ପରସ୍ପର ସହ ଘନିଷ୍ଠ ଭାବରେ କାର୍ଯ୍ୟ କରିବାକୁ ସହମତ ହୋଇଥିଲେ।

**ନୂଆଦିଲ୍ଲୀ**

**ନଭେମ୍ବର 17, 2021**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.